SAMBAD
ସମ୍ବାଦ
ପୁନଶ୍ଚ ପୃଥିବୀ
PRINTED AT BHUBANESWAR | BALASORE | JEYPORE | BARGARH
BHUBANESWAR
Bhubaneswar | Saturday 2 August 2025 | Page 16 ₹ 7.00
Vol. XLI | ISSUE 296 | ବର୍ଷ ୪୧ | ସଂଖ୍ୟା ୨୯୬
ଭୁବନେଶ୍ୱର | ଶନିବାର ୨ ଅଗଷ୍ଟ ୨୦୨୫ | ୧୬ ପୃଷ୍ଠା, ମୂଲ୍ୟ ୭ ଟଙ୍କା

# ବିର୍ଲା ଆଇନ ସ୍କୁଲ୍‌ରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



ଭୁବନେଶ୍ୱର, ୧/୮: ବିର୍ଲା ଗ୍ଲୋବାଲ ୟୁନିଭରସିଟି ଆଇନ ସ୍କୁଲ ପକ୍ଷରୁ ବିବିଏ ଏଲ୍‌ଏଲ୍‌ବି(ଅନର୍ସ) ଏବଂ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ ପାଇଁ ନାମ ଲେଖାଇଥିବା ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲିକତା ହାଇକୋର୍ଟ ଏବଂ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଚିତ୍ତ ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ୱିପ୍ରୋର ଜେନେରାଲ କାଉନସିଲ ତଥା ଉପାଧ୍ୟକ୍ଷ ତେଜଲ ପାଟିଲ ଏବଂ ବେଙ୍ଗାଲୁରୁର ପୁଭାୟା ଆଣ୍ଡ କୋର ପାର୍ଟନର ଧର୍ମେନ୍ଦ୍ର ଚତୁର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. କୁଳଭୂଷଣ ବାଲୁନି, ବିଜିୟୁର କୁଳପତି ପ୍ରଫେସର ଡ. ବିକେ ଦାସ, ରେଜିଷ୍ଟ୍ରାର, ବିଜିୟୁର ଆଇନ ସ୍କୁଲ ଡିନ୍ ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ ଯୋଗ ଦେଇଥିଲେ । ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ବିଜିୟୁର ସହଯୋଗୀ ପ୍ରଫେସର ଡ.ଭାବନା ଶର୍ମା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନ ସଂହିତା ପ୍ରଦାନ କରିଥିଲେ । ଏହି ଅବସରରେ 'ସମ୍ବିଧାନ ଆଇନର ଉଦୀୟମାନ ପ୍ରସଙ୍ଗ' ଶୀର୍ଷକ ଏକ ସମ୍ମିଳନୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା । ଶେଷରେ ଏକାଡେମିକ ଆସୋସିଏଟ ସୁଶ୍ରୀ ଅସ୍ମା ସିଦ୍ଦିକି ଧନ୍ୟବାଦ ଦେଇଥିଲେ ।

ଭୁବନେଶ୍ୱର • ଶୁକ୍ରବାର • ଅଗଷ୍ଟ ୧ • ୨୦୨୫ BHUBANESWAR • FRIDAY • 1 AUGUST • 2025

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ

ପ୍ରଗତିବାଦୀ

PRAGATIVADI

pragativadi.com

ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ • FOUNDER PRADYUMNA BAL

50 YEARS (1973-2023) GLORY OF GOLDEN JUBILEE

VOL. : 53 • NO. : 209 • PAGES : 16 • ପୃଷ୍ଠା : ୧୬

Postal Regd. No. BN-47/24-26

ମୂଲ୍ୟ: ୬ଟଙ୍କା • ₹6.00 (Air Surcharge 0.50p)

# ବିର୍ଲା ଆଇନ ସ୍କୁଲର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



■ ଭୁବନେଶ୍ୱର,ତା୩୧।୭ (ପିଏନଏସ) ବିର୍ଲା ଗ୍ଲୋବାଲ ୟୁନିଭରସିଟି ଆଇନ ସ୍କୁଲର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର (ଅର୍ଥାତ୍ ବିବିଏ ଏଲଏଲବି-ଅନର୍ସ) ଓ ସ୍ନାତକୋତ୍ତର(ଅର୍ଥାତ୍ ଏଲଏଲଏମ) ପାଠ୍ୟକ୍ରମ ଲାଗି ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ କଲିକତା ହାଇକୋର୍ଟ ଓ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଚିତ୍ତ ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବରେ ୱିପ୍ରୋ ଲିମିଟେଡର ଜେନେରାଲ କାଉନସିଲ ଓ ଉପାଧ୍ୟକ୍ଷ ତେଜଲ ପାଟିଲ, ବେଙ୍ଗାଲୁରୁରେ ପ୍ରଭାଷ୍ୟ ଆଣ୍ଡ କୋର ପାର୍ଟନର ଧର୍ମେନ୍ଦ୍ର ଚତୁର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. କୁଳଭୂଷଣ ବାଲୁନି, ବିଜିୟୁର କୁଳପତି ପ୍ରଫେସର ଡ. ବିକେ ଦାସ, ରେଜିଷ୍ଟ୍ରାର, ବିଜିୟୁର ଆଇନ ସ୍କୁଲ ଡିନ୍ ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ଦେଇଥିଲେ । ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ । ପ୍ରଫେସର ଡ. ବିକେ ଦାସ ଛାତ୍ରଛାତ୍ରୀମାନଙ୍କୁ ଆଇନ ବିଷୟ ବାଛିବା ପାଇଁ ଅଭିନନ୍ଦନ ଜଣାଇଥିଲେ । ଧର୍ମେନ୍ଦ୍ର ଚତୁର, ତେଜଲ ପାଟିଲ ନିଜନିଜର ବକ୍ତବ୍ୟ ରଖିଥିଲେ । ଜଷ୍ଟିସ ଚିତ୍ତ ରଞ୍ଜନ ଦାଶ ଛାତ୍ରଛାତ୍ରୀଙ୍କୁ ଆଇନ ଶୃଙ୍ଖଳାରେ ସଫଳତା ଲାଗି କଠିନ ପରିଶ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଫେସର କୁଳଭୂଷଣ ବାଲୁନି, ବିଜିୟୁର ସହଯୋଗୀ ପ୍ରଫେସର ଡ. ଭାବନା ଶର୍ମା ଛାତ୍ରଛାତ୍ରୀଙ୍କୁ ସମ୍ମାନ ସଂହିତା ପ୍ରଦାନ କରିଥିଲେ । ଏହି ଅବସରରେ 'ସମ୍ବିଧାନ ଆଇନର ଉଦୀୟମାନ ପ୍ରସଙ୍ଗ' ଶୀର୍ଷକ ଏକ ସମ୍ମିଳନୀ ପୁସ୍ତକ ସମ୍ମାନିତ ଉନ୍ମୋଚିତ ହୋଇଥିଲା । ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶେଷରେ ଏକାଡେମିକ ଆସୋସିଏଟ ଅସ୍ମା ସିଦ୍ଦିକି ଧନ୍ୟବାଦ ଦେଇଥିଲେ ।